# ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି , ଜିଲ୍ଲା – ବଲାଙ୍ଗିର

ବିଜ୍ଞାପନ ସଂଖ୍ୟା - 846 ତା. – 23.03.2021

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନୁଯାୟୀ )

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସୈରାତ ଉତ୍ସ ଗୁଡିକର ଅନୂନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (Form-M) ପୂରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟରେ ଥିବା **Drop Box** ରେ ଆସନ୍ତା ତାରିଖ ୦୬.୦୪.୨୦୨୧ ସନ୍ଧ୍ୟା ୦୫:୦୦ (ପାଞ୍ଚ) ଘଟିକା ସୁଦ୍ଧା ଜଉମୁଦ ଲଫାପା **(Sealed Cover)**ରେ ପକାଇବେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ ୦୭.୦୪.୨୦୨୧ ଦିବା ୧୧:୦୦ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଯଦି କୌଣସି ସୈରାତ ଉତ୍ସ ପାଇଁ ଦରଖାସ୍ତ ଆଦୌ ମିଳିନଥିବ ତେବେ ଉକ୍ତ ସୈରାତ ଉତ୍ସର ଲିଜ୍ ଦରଖାସ୍ତକୁ ଗ୍ରହଣ କରିବାର ଶେଷ ତାରିଖ ଯଥା କ୍ରମେ ୧୩.୦୪.୨୦୨୧ ଓ ୨୦.୦୪.୨୦୨୧ ଅଟେ । ଦ୍ୱିତୀୟ ଓ ତୃତୀୟ ଦଫାରେ ମିଳିଥିବା ସମସ୍ତ ଦରଖାସ୍ତକୁ ତାର ପରବର୍ତ୍ତି ସରକାରୀ କାର୍ଯ୍ୟଦିବସରେ ଦିବା ୧୧:୦୦ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ଉତ୍ସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଲେ, ଲଟେରି ମାଧମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା Website- http://balangir.nic.in ରେ ଉପଲବ୍ଧ ଅଟେ ।

### ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ **Form-M** ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ
('0853-Non-ferrous mining & Metallurgical 102-mineral Concession fees, rents & royalties-0217-receipts under Odisha minor Minerals concession fees (new)-02021-collection of fees, rents & royalties (new)"

୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ତହସିଲଦାର, କଣ୍ଟାବାଞ୍ଜିଙ୍କ ନାମରେ (Payable at Kantabanji) (ମାଇନିଙ୍ଗ ସ୍ଥାନ ହୋଇସାରିଲାପରେ) ପ୍ରଦାନ କରିବେ । [EMD i.e. 5% of {Minimum Guaranteed Quantity X (Royalty + Additional Charges)}]

୪. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୫. ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ {Minimum Guaranteed Quantity X (Royalty + Additional Charges)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତିର ପ୍ରମାଣପତ୍ର ଦାଖଲ କରିବେ । ତାହା ହିସାବରେ ଯେଉଁ ବ୍ୟକ୍ତି ଯେତେ ଟଙ୍କାର ଅତିରିକ୍ତ ଶୁଳ୍କ (Additional Charges) Form-Mରେ ଦର୍ଶାଇ ଥିବେ ସେହି ଅତିରିକ୍ତ ଶୁଳ୍କ (Additional Charges) ମୁତାବକ Bank Guarantee ପ୍ରଦାନ କରିବେ ।

୬. Income Tax Clearance କିମ୍ବା Assessment Yearର IT returnର ନକଲ ଯଦି ଥାଏ ପ୍ରଦାନ କରିବେ ।

(ସର୍ତାବଳୀର ବିବରଣୀ ଜିଲ୍ଲା Website- http://balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରି ପାରିବେ)

ତହସିଲଦାର, କଣ୍ଟାବାଞ୍ଜି

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC Rule-2016 ପରିସର ଭୂକ୍ତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରିଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବା । ଯଦି ୧ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନୀଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ଠାରୁ କମ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଖଣିଜ ଖଦାନଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନିଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ୍ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ (Mining Plan) ତିଆରି କରି ଦାଖଲ କରିବେ ନଚେତ ଲିଜ୍ ବାତିଲ କରାଯିବା ।

୯. ମାଇନିଙ୍ଗ ପ୍ଲାନ ଦର୍ଶଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ଅତିରିକ୍ତ ଦେୟର (Additional Charges) ରାଶିକୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି Mining Plan ଓ Environmental Clearance ଆଣି ସାରିଲା ପରେ ପୈଠ କରିବେ । ସମ୍ପୂର୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed) ସମ୍ପାଦନ କରିବେ ।

୧୦. ଲିଜଧାରୀ ଲିଜ୍ ବାବଦକୁ ରୟାଲଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୟାଲିଟି ଓ (Additional Charges) ଦେୟର ୧୦% District Mineral Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

୧୨. ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୧୪. ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ concert pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉପର ନକ୍ସା ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୮. ଜମା ରୟାଲିଟିର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜ ଅବଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧. ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ ରଦ୍ଦ କରିପାରିବେ ।

ତହସିଲଦାର, କଣ୍ଟାବାଞ୍ଜି

ଜ୍ଞାପନ ସଂଖ୍ୟା- ୫୪୭ ତାରିଖ- ୨୩.୦୩.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର /ଉପଜିଲ୍ଲାପାଳ, ଟିଟିଲାଗଡ /ଗୋଷ୍ଠି ଉନ୍ନୟନ ଅଧିକାରୀ, ତୁରେକେଲା / ଭାରପ୍ରାପ୍ତ ଥାନା ଅଧିକାରୀ, କଣ୍ଟାବାଞ୍ଜି / ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି / ରାଜସ୍ୱ ନିରୀକ୍ଷକ, କଣ୍ଟାବାଞ୍ଜି / ତୁରେକେଲା / ହିଆଲ / ମହାଖଣ୍ଡ /ସମ୍ପୃକ୍ତ ଗ୍ରାମ / ଗ୍ରାମ ପଞ୍ଚାୟତ / ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ମଣ୍ଡଳ, କଣ୍ଟାବାଞ୍ଜିଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜିଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

23/03/2021

ତହସିଲଦାର, କଣ୍ଟାବାଞ୍ଜି

ଜ୍ଞାପନ ସଂଖ୍ୟା- ୫୪୫ ତାରିଖ- ୨୩.୦୩.୨୦୨୧

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

23/03/2021

ତହସିଲଦାର, କଣ୍ଟାବାଞ୍ଜି

# ସୈରାତ ଉତ୍ସର ତାଲିକା

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | | କିସମ | ଲଘୁ ଖଣିଜର ନାମ | ରୟାଲଟି ମୂଲ୍ୟ (Per Cum) ଟଙ୍କାରେ | ସର୍ବନିମ୍ନ ଅତିରିକ୍ତ ଦର ଟଙ୍କାରେ | Minimum Guaranteed Quantity per Year (in Cum) | ଅମାନତ ରାଶି ଟଙ୍କାରେ | ସର୍ବନିମ୍ନ ବ୍ୟାଙ୍କ ଗ୍ୟାରେଣ୍ଟି ରାଶି ଟଙ୍କାରେ |
|---|---|---|---|---|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | | | | | | |
| ୧ | ମହଖଣ୍ଡ -୧ | ମହଖଣ୍ଡ | ୧୧୧ | ୧୫୨୪ | ୪.୮୪ | ୧.୧୫୮ | ଡୁଙ୍ଗୁରି | ପଥର | ୧୩୦.୦୦ | ୭.୦୦ | ୪୦୧୮ | ୨୭୫୨୩ | ୫୫୦୪୬୬ |

ତହସିଲଦାର, କଣ୍ଟାବାଞ୍ଜି